1. 'ଉଦକ ଚାନ୍ଦ ଜିମ ସାଚ ନ ମିଛା' - ଚର୍ଯ୍ୟାଗୀତିକାର ଏହି ଅଂଶର ସ୍ରଷ୍ଟା କିଏ ?

(A) ସରହପା (B) ଲୁଇପା (C) ଭୁସୁକୁପା (D) କାହ୍ନୁପା

2. ଇନ୍ଦ୍ରଭୂତିଙ୍କ ଶିଷ୍ୟ କିଏ ?

(A) ରାହୁଲସୁଚି (B) ଶାନ୍ତିପା (C) ଜାଳନ୍ଧରୀପା (D) ଶବରୀପା

3. କେଉଁଥିରେ ମତ୍ସ୍ୟେନ୍ଦ୍ରନାଥ ଓ ଗୋରେଖନାଥଙ୍କ କଥୋପକଥନ ସ୍ଥାନ ପାଇଛି ?

(A) ମତ୍ସ୍ୟେନ୍ଦ୍ରଗୀତ (B) ଅମରକୋଷ ଗୀତା (C) ଶିଶୁବେଦ (D) ସପ୍ତାଙ୍ଗଯୋଗଧାରଣ

4. ରାଜ୍ୟ କର ବାବୁ ଏବେ ଧର୍ମ ପ୍ରତିପାଳି / ଅଧର୍ମ କଲେ ସହିବ ନାହିଁ ମହୀସ୍ଥଳୀ - 'ସାରଳା ମହାଭାରତ'ର କେଉଁ ପର୍ବରୁ ଆନୀତ ?

(A) ଆଦ୍ୟ ପର୍ବ (B) ମଧ୍ୟ ପର୍ବ (C) ଶାନ୍ତି ପର୍ବ (D) କାଇଁଶିକା ପର୍ବ

5. ଜଗନ୍ନାଥ ଦାସଙ୍କ ଦ୍ୱାରା ଲିଖିତ କୋଇଲି ଗୀତ କେଉଁଟି ?

(A) ଅର୍ଥ କୋଇଲି (B) କେଶବ କୋଇଲି (C) ବାରମାସୀ କୋଇଲି (D) କାନ୍ତ କୋଇଲି

6. 'ଦାଣ୍ଡୀରାମାୟଣ'ର କିଷ୍କିନ୍ଧାକାଣ୍ଡରେ କେଉଁ ପ୍ରସଙ୍ଗ ରହିଛି ?

(A) ଲକ୍ଷ୍ମଣ ତିନିଗାର କାଟିବା (B) ଖଳ-ଦୁର୍ବଳ ପ୍ରସଙ୍ଗ (C) ସପ୍ତଶାଳ ଭେଦ (D) ରାମତାଳିର ଉତ୍ପତ୍ତି

7. ନିମ୍ନକାବ୍ୟ ମାନଙ୍କ ମଧ୍ୟରୁ କେଉଁଟି ପ୍ରଥମେ ରଚିତ ?

(A) ଶଶିରେଖା (B) ଉଷାଭିଳାଷ (C) ରୁକ୍ମିଣୀ ବିଭା (D) ଶଶିସେଣା



Scanned with CamScanner

8. 'କହେ ଉପଇନ୍ଦ୍ର ଭଞ୍ଜ ମୁଁ ଲଭିଛି ଶବଦ ସାଗର ପାର' - କେଉଁଥିରୁ ଆସିଛି ?

(A) ଲାବଣ୍ୟ ବତୀ (B) ବୈଦେହୀଶ ବିଳାସ (C) ଚିତ୍ରକାବ୍ୟ ବନ୍ଧୋଦୟ (D) କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ

9. କେଉଁ କାବ୍ୟ ଆଦ୍ୟ ଅକ୍ଷର ନିୟମରେ ରଚିତ ନୁହେଁ ?

(A) ସୁଲକ୍ଷଣା (B) ରସକଲ୍ଲୋଳ (C) କେଳି କଳାନିଧି (D) କଳାକଉତୁକ

10. ଭୀମଭୋଇଙ୍କ 'ଶ୍ରୁତିନିଷେଧ' ଗୀତାରେ କେତୋଟି ଅଧ୍ୟାୟ ରହିଛି ?

(A) ସାତଟି (B) ଆଠଟି (C) ଏଗାରଟି (B) ଷୋହଳଟି

11. ପ୍ରକାଶକାଳ ଦୃଷ୍ଟିରୁ କେଉଁ ପତ୍ରିକାଟି ପ୍ରଥମେ ପ୍ରକାଶିତ ?

(A) ସେବକ (B) ଧର୍ମବୋଧିନୀ (C) ଶିକ୍ଷକ (D) ବିଜୁଳି

12. କେଉଁଟି ଓଡ଼ିଶାରେ ନବଜାଗରଣର ଏକ କାରଣ ନୁହେଁ ?

(A) ମୁଦ୍ରାଯନ୍ତ୍ର ପ୍ରତିଷ୍ଠା (B) ଯୁବଶକ୍ତିର ଅଭ୍ୟୁଦୟ (C) ଖ୍ରୀଷ୍ଟଧର୍ମର ପ୍ରଚାର (D) ଆଧୁନିକ ଶିକ୍ଷାର ପ୍ରସାର

13. ଦେବୀ ବୀଣାପାଣିଙ୍କ କରୁଣା କାହାପ୍ରତି ଢଳା ହୋଇଥିବା ରାଧାନାଥ ରାୟ କହିଛନ୍ତି ?

(A) ଚିଲିକା (B) ଚନ୍ଦ୍ରଭାଗା (C) ଓଡ଼ିଆ ଜାତି (D) ଉତ୍କଳ

14. କେଉଁ ଉପନ୍ୟାସ 'ଅପୂର୍ବ ମିଳନ' ନାମରେ ଉତ୍କଳ ସାହିତ୍ୟରେ ପ୍ରକାଶିତ ହୋଇଥିଲା ?

(A) ଛ'ମାଣ ଆଠଗୁଣ୍ଠ (B) ଲଛମା (C) ମାମୁ (D) ପ୍ରାୟଶ୍ଚିତ



Scanned with CamScanner

15. ଓଡ଼ିଆ ଭାଷା ହେଉଛି ବଂଗଳା ଭାଷାର ଉପଭାଷା - ଏହା କେଉଁ ବିଦେଶୀଙ୍କ ମତ ଥିଲା ?

(A) ଗ୍ରୀୟରସନ୍ (B) ଏଚ୍.ଟି.କୋଲବ୍ରୁକ୍ (C) ମିଷ୍ଟର ବାଉରିଙ୍ଗ (D) ରେଭରେଣ୍ଡ ସି.ଲେସି.

16. ସତ୍ୟବାଦୀ ବନ ବିଦ୍ୟାଳୟ କେବେ ଜାତୀୟ ବିଦ୍ୟାଳୟରେ ପରିଣତ ହୋଇଥିଲା ?

(A) ୧୯୦୯ (B) ୧୯୧୨ (C) ୧୯୨୦ (D) ୧୯୨୧

17. 'ସବୁଜ ବଂଧୁ ପ୍ରତି' କବିତାର ସ୍ରଷ୍ଟା କିଏ ?

(A) ଅନ୍ନଦାଶଙ୍କର (B) ବୈକୁଣ୍ଠନାଥ (C) କାଳିନ୍ଦୀଚରଣ (D) ଶରତଚନ୍ଦ୍ର

18. ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦ୍ୱାରା କେଉଁ କବିତାଟି ରଚିତ ?

(A) ଯାତ୍ରୀ ସଙ୍ଗୀତ (B) ଜୀବନ ସଙ୍ଗୀତ (C) ବେତାର ସଙ୍ଗୀତ (D) ବିଲୁ ସଙ୍ଗୀତ

19. 'ନୂତନ ପ୍ରଣୟ' କବିତାଟି କେଉଁ ସଂକଳନରେ ସ୍ଥାନିତ ?

(A) ଧୂପ (B) ହେମଶସ୍ୟ (C) କୁଶ୍ (D) ଜୀବନ ଚିତା

20. ପ୍ରଗତିବାଦୀ ସାହିତ୍ୟ କେଉଁ ବିଷୟରେ ଗୁରୁତ୍ୱ ଦିଏ ନାହିଁ ?

(A) ଆର୍ଥନୀତିକ ଅସଙ୍ଗତି ଦୂରକରିବା (B) ପ୍ରବୃତ୍ତିଗତ ଦୁର୍ବଳତା ଦୂରକରିବା

(C) ଶୋଷଣ - ପୀଡ଼ନରୁ ରକ୍ଷା କରିବା (D) ମାର୍କସବାଦୀ ଦୃଷ୍ଟିଭଙ୍ଗୀର ପ୍ରଚାର କରିବା

21. ସଚ୍ଚିରାଉତରାୟଙ୍କ କେଉଁ କବିତା ଗ୍ରନ୍ଥ ଓଡ଼ିଆ କବିତାର ଧାରା ବଦଳାଇଥିଲା ?

(A) ପାଥେୟ (B) ପଲ୍ଲିଶ୍ରୀ (C) ପାଂଡୁଲିପି (D) କବିତା - ୧୯୬୨



Scanned with CamScanner

22. 'ଶ୍ରୀଜଟାୟୁ' ଛଦ୍ମନାମରେ କିଏ କବିତା ଲେଖୁଥିଲେ ?

(A) ସଚ୍ଚିଦାନନ୍ଦ ରାଉତରାୟ (B) ଅନନ୍ତ ପଟ୍ଟନାୟକ (C) ରବି ସିଂ (D) ରଘୁନାଥ ଦାସ

23. ରମାକାନ୍ତ ରଥଙ୍କ 'ଗ୍ରୀଷ୍ମଋତୁରେ ରେଳଯାତ୍ରା' କବିତାର ସାରସତ୍ତା କ'ଣ ?

(A) ବ୍ୟର୍ଥତା ଓ ମୃତ୍ୟୁଚେତନା (B) ପ୍ରେମ ଓ ପ୍ରଣୟ (C) ଆନନ୍ଦ ଓ ଅନୁଭୂତି (D) ପରିହାସ ଓ ବ୍ୟଙ୍ଗ

24. ସୀତାକାଂତ ମହାପାତ୍ରଙ୍କୁ କେଉଁ ପୁସ୍ତକ ପାଇଁ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି ?

(A) ଦୀପ୍ତି ଓ ଦ୍ୟୁତି (B) ଆରଦୃଶ୍ୟ (C) ଶବ୍ଦର ଆକାଶ (D) ଅଷ୍ଟପଦୀ

25. ସ୍ତ୍ରୀ ଲିଙ୍ଗବାଚକ ଶବ୍ଦ ସମସ୍ତପଦରେ ପୁଂଲିଙ୍ଗରେ ରୂପାନ୍ତରିତ ହେବାର ଉଦାହରଣ କେଉଁଟି ?

(A) ରାଜହଂସ (B) ମଧୁପାୟୀ (C) ହଂସଡିମ୍ବ (D) ଦାଶରଥି

26. 'ହିତୈଷୀ' ଶବ୍ଦର ସନ୍ଧି ବିଚ୍ଛେଦ କଲେ କ'ଣ ହେବ ?

(A) ହିତ + ଐଷୀ (B) ହିତେ + ଏଷୀ (C) ହିତୈ + ଏଷୀ (D) ହିତ + ଏଷୀ

27. କେଉଁ ଶବ୍ଦରେ ବନାନଗତ ଅଶୁଦ୍ଧି ରହିଛି ?

(A) ବିଷର୍ଣ୍ଣ (B) ପୁରସ୍କାର (C) ଧୂମ (D) ଅମିୟ

28. କେଉଁ ଅଭିଲେଖଟି ପ୍ରାଚୀନ ?

(A) ପୁରୀ ଶଙ୍କରାନନ୍ଦମଠର ତାମ୍ରଫଳକ (B) ତ୍ରିମାଳି ମଠ ତାମ୍ରଫଳକ

(C) ଦ୍ୱିତୀୟ ନରସିଂହଦେବଙ୍କ ଦ୍ୱୈଭାଷିକ ଶିଳାଲେଖ (D) ଅନନ୍ତଦେବ ବର୍ମାଙ୍କ ମଞ୍ଜୁଷା ତାମ୍ର ଶାସନ



Scanned with CamScanner

29. ଓଡ଼ିଆରେ ବ୍ୟବହୃତ 'କଇଁଆ' ଶବ୍ଦଟି ମୂଳତଃ କେଉଁ ଭାଷାରୁ ଆସିଛି ?

(A) ଯାବନିକ (B) ପର୍ତ୍ତୁଗୀଜ (C) ଅଷ୍ଟ୍ରିକ (D) ଦ୍ରାବିଡ଼

30. ନିମ୍ନୋକ୍ତ ତଥ୍ୟରୁ କେଉଁଟି ତ୍ରୁଟିପୂର୍ଣ୍ଣ ?

(A) ଉପଭାଷାର କ୍ଷେତ୍ର ଛୋଟ (B) ଭୌଗୋଳିକ କାରଣରୁ ଉପଭାଷା ସୃଷ୍ଟି ହୁଏ

(C) ଭାଷାରୁ ଉପଭାଷା ଉତ୍ପନ୍ନ ହୋଇଥାଏ (B) ସାହିତ୍ୟରେ ଉପଭାଷା ବ୍ୟବହାର ହେଲେ ତାହା ମାନକଭାଷାହୁଏ

31. ରଙ୍ଗବାଦ୍ୟ କେଉଁ ଲୋକନାଟ ସହ ଜଡ଼ିତ ?

(A) ଦଣ୍ଡନାଟ (B) ଛଉନାଟ (C) ଦେଶିଆନାଟ (D) ଚଢ଼େୟାନାଟ

32. କେଉଁଟି ସଂଗୀତ ପ୍ରଧାନ ଲୋକନାଟ ?

(A) ଗୋଟିପୁଅ (B) କୃଷ୍ଣଲୀଳା (C) ଘୋଡ଼ାନାଟ (D) ଝୁମର

33. ଲେଭିଷ୍ଟ୍ରସ୍‌ଙ୍କ ସଂରଚନା ପଦ୍ଧତିର ବୈଶିଷ୍ଟ୍ୟ କ'ଣ ?

(A) ମୋଟିଫ୍ ଆକଳନ (B) ମିଥ୍ ରହସ୍ୟ ଉଦଘାଟନ

(C) କାହାଣୀକୁ ବିଭକ୍ତ କରିବା ସୂତ୍ର ଉନ୍ମୋଚନ (D) ସଞ୍ଚରଣ ମତବାଦର ବିଶ୍ଳେଷଣ

34. ତୈତିରୀୟ ଉପନିଷଦରେ କାହାକୁ 'ବ୍ରହ୍ମସ୍ୱାଦ ସହୋଦର' କୁହାଯାଇଛି ?

(A) ରସ (B) ରୀତି (C) ଗୁଣ (D) ବକ୍ରୋକ୍ତି

35. କେଉଁଟି ରସର ସ୍ଥାୟୀଭାବ ନୁହେଁ ?

(A) ଶୋକ (B) ଉନ୍ମାଦ (C) ଉତ୍ସାହ (D) ରତି

Scanned with CamScanner

36. ଶବ୍ଦ ଓ ଅର୍ଥର ଶୋଭାବିଧାୟକ ଅସ୍ଥିର ଧର୍ମକୁ କ'ଣ ବୋଲାଯାଏ ?

(A) ରସ (B) ଗୁଣ (C) ଅଳଙ୍କାର (D) କାବ୍ୟଦୋଷ

37. 'ପ୍ରତୀକଧର୍ମୀ କବିତାରେ ଭାଷାରେ ବାଷ୍ପୀଭବନ ଘଟେ ଓ ସାଙ୍ଗୀତିକତାରେ ତାହାର ପୁନଃ ନିମଜ୍ଜନ ଘଟେ'- ଏହି ଉକ୍ତିଟି କାହାର ?

(A) କଲ୍‌ରିଜ୍ (B) ଟି.ଇ.ହ୍ୟୁମ୍ (C) ଭେର୍‌ଲାନ୍ (D) ଚାର୍ଲସ୍ ବୋଦଲେୟାର

38. ମଣିଷର ସ୍ଥିତି ସଂପର୍କରେ କେଉଁବାଦ ପ୍ରଚାର କରିଥାଏ ?

(A) ଅଭିବ୍ୟକ୍ତିବାଦ (B) ଡାଡ଼ାବାଦ (C) ସଂରଚନାବାଦ (D) ସ୍ଥିତିବାଦ

39. କେଉଁ ଗପଟି ଗୋଦାବରୀଶ ମହାପାତ୍ରଙ୍କ ଦ୍ୱାରା ରଚିତ ?

(A) ଶେଷରଶ୍ମି (B) ଈଶ୍ୱରଙ୍କ ପାଖକୁ ଚିଠି (C) ନୈଶସୁନ୍ଦରୀ (D) ପାଣ୍ଡୁମିଶ୍ରେ

40. ଲେଖକ ଓ ପୁସ୍ତକର କେଉଁ ଯୋଡ଼ିଟି ଠିକ୍ ନୁହେଁ ?

(A) ସ୍ୱାୟୁ ଓ ସନ୍ନ୍ୟାସୀ - ଅଚ୍ୟୁତାନନ୍ଦ ପତି (B) ଘାସଫୁଲ - ଗୋପୀନାଥ ମହାନ୍ତି

(C) ଅଶ୍ୱାରୋହୀର ଗଳ୍ପ- ଚନ୍ଦ୍ରଶେଖର ରଥ (D) ନଦୀର ନାମ ଗଣତନ୍ତ୍ର - ସାତକଡ଼ି ହୋତା

41. 'ପଶ୍ୟତି ଦିଶି ଦିଶି' ପ୍ରବନ୍ଧର ସ୍ରଷ୍ଟା କିଏ ?

(A) ଚିତ୍ତରଂଜନ ଦାସ (B) ଚନ୍ଦ୍ରଶେଖର ରଥ (C) ଶରତ କୁମାର ମହାନ୍ତି (D) କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

42. କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଆତ୍ମଜୀବନୀର ନାମ କ'ଣ ?

(A) ପଥ ଓ ପୃଥିବୀ (B) ଅମୃତ ଅନୁଭବ (C) ମୋ ସମୟର ଓଡ଼ିଶା (D) ଗାଁର ଡାକ

43. 'ଗଞ୍ଜାମ ମାଳରେ ସାତଦିନ' ଭ୍ରମଣ ପୁସ୍ତକଟି କାହାର ?

(A) କୁଞ୍ଜବିହାରୀ ଦାଶ (B) ଚିତ୍ତରଂଜନ ଦାସ (C) ଗୋଲୋକ ବିହାରୀ ଧଳ (D) ଦିନନାଥ ପାଠୀ

44. 'ଲଣ୍ଡନ ଚିଠି' କେଉଁ ସମ୍ବାଦ ପତ୍ରରେ ପ୍ରକାଶ ପାଇଥିଲା ?

(A) ସମାଜ (B) ସମ୍ବାଦ (C) ଧରିତ୍ରୀ (D) ପ୍ରଜାତଂତ୍ର

45. 'ଓ' ସବାଶେଷଲୋକ' ନାଟକରେ ନାରୀ ଚରିତ୍ରଟି କିଏ ?

(A) ଆଦିଲୋକ (B) ଭିନ୍ନଲୋକ (C) ମହାଲୋକ (D) ଆଗଲୋକ

46. 'ବଟୁଆ' ପ୍ରବନ୍ଧରେ ଲେଖକ କେଉଁ ଦେଶର ଶାସକଙ୍କ ଉଦାହରଣ ଦେଇନାହାନ୍ତି ?

(A) ଇଟାଲି (B) ଜର୍ମାନୀ (C) ଇଂଲଣ୍ଡ (D) ରୁଷିଆ

47. ଧୋବଲୀ ସାହୁ - ସଚ୍ଚିରାଉତରାୟଙ୍କ କେଉଁ କବିତାର ଏକ ଚରିତ୍ର ?

(A) ଗ୍ରାମ୍ୟ ଶ୍ମଶାନ (B) ପଲ୍ଲୀସଂଜ (C) ଗ୍ରାମସଭା (D) ଛୋଟ ମୋର ଗାଁଟି

48. ଦାଶରଥି ଦାସ କେଉଁ ପୁସ୍ତକ ପାଇଁ ସାହିତ୍ୟ ଏକାଡେମୀ (କେନ୍ଦ୍ର) ପୁରସ୍କାର ପାଇଛନ୍ତି ?

(A) ଆଧୁନିକ କାବ୍ୟଜିଜ୍ଞାସା: ଚିତ୍ରକଳ୍ପ (B) କାବ୍ୟସମ୍ବାଦ

(C) ପ୍ରସଙ୍ଗ ପୁରୁଣା ଭାବନା ନୂଆ (D) ମୃତ୍ୟୁଲୋକର ଋତୁ ସପ୍ତମ

49. ହରେକୃଷ୍ଣ ମହତାବଙ୍କ 'ପ୍ରତିଭା' ଉପନ୍ୟାସକୁ କିଏ ନାଟ୍ୟରୂପ ଦେଇଛନ୍ତି ?

(A) ରତିରଂଜନ ମିଶ୍ର (B) ରମେଶ ପ୍ରସାଦ ପାଣିଗ୍ରାହୀ (C) ମନୋରଞ୍ଜନ ଦାସ (D) ଗୋପାଳ ଛୋଟରାୟ



Scanned with CamScanner

୫୦. 'ଝିଟିପିଟି କହେ' ସ୍ତମ୍ଭ କେଉଁ ସମ୍ବାଦ ପତ୍ର ପୃଷ୍ଠାରେ ପ୍ରକାଶ ପାଇଥିଲା ?

(A) ସମାଜ (B) ସମ୍ବାଦ (C) ଧରିତ୍ରୀ (B) ପ୍ରଜାତନ୍ତ୍ର

51. ଚିତ୍ରକଳାକୁ ଲୋକସଂସ୍କୃତିର କେଉଁ ବିଭାବ ରୂପେ ଗ୍ରହଣ କରାଯାଇଛି ?

(A) କଥୋପକଥନ ମୂଳକ (B) କ୍ରୀଡ଼ାଭିତ୍ତିକ (C) ସ୍ଥିତିଶୀଳ (D) କାହାଣୀଧର୍ମୀ

52. ସମ୍ବାଦ ପ୍ରକାଶନ ବେଳେ କେଉଁ ବିଷୟକୁ ଗୁରୁତ୍ୱ ଦିଆଯିବା ଅନୁଚିତ ?

(A) ସ୍ଥାନ, କାଳ, ପାତ୍ର (B) ବିଷୟ ଭିତ୍ତିକ ଶିରୋନାମା

(C) ଆଡ଼ମ୍ବରପୂର୍ଣ୍ଣ ଓ ବୈଷୟିକ ଶବ୍ଦାବଳୀ (D) ନିରପେକ୍ଷ ଉପସ୍ଥାପନା

53. କେଉଁ ପ୍ରସଙ୍ଗଟି ବେତାର ନାଟକ ପାଇଁ ପ୍ରଯୁଜ୍ୟ ନୁହେଁ ?

(A) ଉପାଦାନର ଶ୍ରବଣ ମୁଖ୍ୟ ପ୍ରୟାସ (B) ଦୃଶ୍ୟଧର୍ମିତାର ଧ୍ୱନିରୂପ ପ୍ରକାଶ

(C) ସଂକ୍ଷିପ୍ତ ଓ ଶବ୍ଦର ମିତ ପ୍ରୟୋଗ (D) ଆହାର୍ଯ୍ୟ ଅଭିନୟରେ ଗୁରୁତ୍ୱ

54. ବଟୁଆକୁ ଓଡ଼ିୟାମିର ଗୋଟାଏ ଚିହ୍ନ ବୋଲି କିଏ ମାନିବାକୁ ରାଜି ନୁହନ୍ତି ?

(A) ଆସାମୋଡ଼ିଆ (B) ତାମିଲୋଡ଼ିଆ (C) ବଙ୍ଗୋଡ଼ିଆ (D) କନ୍ନୋଡ଼ିଆ

55. ବାଣିଜ୍ୟ ବିଜ୍ଞାପନର ମୂଳ ଉଦ୍ଦେଶ୍ୟ କେଉଁଟି ନୁହେଁ ?

(A) ଉପଭୋକ୍ତାଙ୍କ ମଧ୍ୟରେ ଅନ୍ତଃଅଭିପ୍ରେରଣା ବୃଦ୍ଧି (B) ନିଜସ୍ୱ ଉତ୍କର୍ଷ ପ୍ରତିପାଦନ

(C) ସାମାଜିକ କଲ୍ୟାଣ (D) ନିଜର ବାଣିଜ୍ୟ - ବଜାରର ଅଭିବୃଦ୍ଧି

56. 'ଭିକ୍ଷୁକକୁ ଭିକ୍ଷା ଦିଅ' - ଏଠାରେ କେଉଁ କାରଣରୁ ଚତୁର୍ଥୀ ବିଭକ୍ତି ହୋଇଛି ?

(A) ଯୋଗ୍ୟାର୍ଥେ (B) ନିମିତ୍ତାର୍ଥେ (C) ବିବରଣାର୍ଥେ (D) ସଂପ୍ରଦାନାର୍ଥେ

Scanned with CamScanner

57. ନଟବର ସାମନ୍ତରାୟଙ୍କ ରଚିତ ପୁସ୍ତକ କେଉଁଟି ?

(A) କବିତା ଯୁଗେ ଯୁଗେ (B) ସଖାହୀନ ପଞ୍ଚସଖା

(C) ବିଚାର ଆଲୋଚନା (D) ସାରଳା ସାହିତ୍ୟରେ ଐତିହାସିକ ଚିତ୍ର

58. କେଉଁ ପ୍ରକାରର ପତ୍ରରେ ମହାଶୟ / ମହାଶୟା ସମ୍ବୋଧନ କରାଯାଏ ?

(A) ବ୍ୟକ୍ତିଗତ ପତ୍ର (B) ସଂକଳ୍ପ ପତ୍ର (C) ନିମନ୍ତ୍ରଣ ପତ୍ର (D) ଅର୍ଦ୍ଧସରକାରୀ ପତ୍ର

59. କେଉଁଟି ବିଜ୍ଞାପନର ଶ୍ରାବ୍ୟ କିମ୍ବା ଦୃଶ୍ୟଶ୍ରାବ୍ୟ ମାଧ୍ୟମ ନୁହେଁ ?

(A) ରେଡ଼ିଓ (B) ମାଇକ୍‌ଯୋଗେ ପ୍ରଚାର (C) ୱାଲପେଣ୍ଟିଂ (D) ଟେଲିଭିଜନ

60. ଶ୍ରୀଜଗନ୍ନାଥଙ୍କ ରଥକାର୍ଯ୍ୟର ଅନୁକୂଳ ସମୟ କେବେ ?

(A) ଆଷାଢ଼ ଶୁକ୍ଲ ଦଶମୀ (B) ଅକ୍ଷୟ ତୃତୀୟା (C) କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ (D) ମାଘ ପୂର୍ଣ୍ଣିମୀ

61. ଫନୀ ମହାନ୍ତି କେଉଁ ମିଥ୍‌କାବ୍ୟର ସ୍ରଷ୍ଟା ?

(A) ଯଯାତି (B) ପୂତନା (C) ଶବରୀ (D) ଅହଲ୍ୟା

62. ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ କେବେ ପାଳିତ ହୁଏ ?

(A) ଫେବୃୟାରୀ, ୨୧ (B) ମାର୍ଚ୍ଚ, ୧୧ (C) ଏପ୍ରିଲ, ୧ (D) ଏପ୍ରିଲ, ୧୪

63. ସଡ଼କ ସୁରକ୍ଷା, ନିଶାନିବାରଣ ପାଇଁ ପ୍ରଯୁଜ୍ୟ ବିଜ୍ଞାପନ ଗୁଡ଼ିକ କିପ୍ରକାର ବିଜ୍ଞାପନ ?

(A) ଶିଳ୍ପସମ୍ବନ୍ଧୀୟ (B) ଆନୁଷ୍ଠାନିକ (C) ସାମଗ୍ରୀ ପ୍ରୋତ୍ସାହନ ଭିତ୍ତିକ (D) ଲୋକସେବା ମୂଳକ



Scanned with CamScanner

64. ଉପମାନ ଓ ଉପମେୟର ଅଭେଦତ୍ୱ ପ୍ରକାଶ ପାଇଲେ କେଉଁ ଅଳଙ୍କାର ହୁଏ ?

(A) ଉପମା (B) ଉତ୍ପ୍ରେକ୍ଷା (C) ରୂପକ (D) ଶ୍ଳେଷ

65. 'ଛନ୍ଦୋବଦ୍ଧ ପଦଂ ପଦ୍ୟମ୍' - ଉକ୍ତିଟି କାହାର ?

(A) କୁନ୍ତକ (B) ବିଶ୍ୱନାଥ କବିରାଜ (C) ଭରତ (D) ଆନନ୍ଦ ବର୍ଦ୍ଧନ

66. 'କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ' ଗଳ୍ପପୁସ୍ତକର ସ୍ରଷ୍ଟା କିଏ ?

(A) କିଶୋରୀ ଚରଣ ଦାସ (B) ଅଖିଳ ମୋହନ ପଟ୍ଟନାୟକ, (C) ବୀଣାପାଣି ମହାନ୍ତି (D) ଶାନ୍ତନୁକୁମାର ଆଚାର୍ଯ୍ୟ

67. ନବଜାତ ସନ୍ତାନର ଜନ୍ମବିଧି ସହିତ କେଉଁ ଲୋକାଚାର ଜଡ଼ିତ ?

(A) ବସୁମତୀ ସ୍ନାନ (B) ଷଷ୍ଠୁଆତି (C) ଅଷ୍ଟମଙ୍ଗଳା (D) ନାମକରଣ

68. ସନେଟ୍ ଗଠନକଳା ସହିତ କାହାର ସଂପୃକ୍ତି ନାହିଁ ?

(A) ଅଷ୍ଟକ (B) ଛନ୍ଦସ୍ପନ୍ଦନ (C) ଗୀତଧର୍ମିତା (B) ଷଷ୍ଟକ

69. 'କାଟେଣି' - ଏହା କି'ପ୍ରକାର ଶବ୍ଦ ?

(A) ତତ୍ସମ (B) ତଦ୍ଭବ (C) ଦେଶଜ (B) ବୈଦେଶିକ

70. ବିଶ୍ୱଦେଖ ମଧୁମୟରେ ଜୀବନ / ବିଶ୍ୱଦେଖ ମଧୁମୟ - କବିତାଂଶଟି କାହାର ?

(A) ମଧୁସୂଦନ ରାଓ (B) ଗଙ୍ଗାଧର ମେହେର (C) ନନ୍ଦ କିଶୋର ବଳ (B) କୁନ୍ତଳା କୁମାରୀ ସାବତ

******



Scanned with CamScanner